# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 April – 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ନିର୍ବାଚନ ପାଇଁ ଆଜି ଘୋଷଣା ହେଲା ବିଜେଡିର ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
- ଝାରସୁଗୁଡ଼ା ଜିଲ୍ଲା ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି

– ଅନ୍ୟ ଜଣେ ନିଖୋଜଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି

- ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମଇ ମାସ ୧ ତାରିଖରୁ ବନ୍ଦ ରହିବ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି; ଦିନ ସାଢ଼େ ୧୧ଟା ସୁଦ୍ଧା ୪ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରେକର୍ଡ

## ବିଜେଡି– ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା

ବିଧାନସଭା ଆସନ ପାଇଁ ଆଜି ବିଜେଡି ଦଳ ପକ୍ଷରୁ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ବିଜେଡି ଦଳର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୯ ଜଣଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ାରୁ ଦଳ ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରିଥିବା ବେଳେ ଚିଲିକାରୁ ରଘୁନାଥ ସାହୁ ପ୍ରାର୍ଥୀ ହୋଇଛନ୍ତି। ଆନନ୍ଦପୁର ଅଭିମନ୍ୟୁ ସେଠୀ, ସାରସକଣାରୁ ଦେବାଶିଷ ମାରାଣ୍ଡି, କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ, ରେମୁଣାରୁ ବିଦ୍ୟାସ୍ମିତା ମହାଲିକ, ସିମୁଳିଆରୁ ସୁଭାଷିନୀ ସାହୁ, ବଡଚଣାରୁ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଚମ୍ପୁଆରୁ ସନାତନ ମହାକୁଡ଼ଙ୍କୁ ଦଳ ପ୍ରାର୍ଥୀ କରିଛି। ବିଜେଡି ପକ୍ଷରୁ ୬ଟି ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୧୩୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।

## ମତଦାନ ନିମନ୍ତେ ୱକାଥନ୍ ଅନୁଷ୍ଠିତ

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଭୁବନେଶ୍ୱର ଠାରେ ଭୋଟର ସଚେତନତା ଓ ମତଦାନ ପ୍ରତିଶତ ବୃଦ୍ଧି ନିମନ୍ତେ ୱକାଥନ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକ ଠାରୁ ବିଏମ୍‌ସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ୱକାଥନ୍ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ମୁଖ୍ୟ ନିର୍ବାଚନ ଅଧିକାରୀ, ଆରକ୍ଷୀ ଆୟୁକ୍ତ ଭୁବନେଶ୍ୱର ମହାନଗର ନିଗମ ଆୟୁକ୍ତ, ଜିଲ୍ଲାପାଳ, ଛାତ୍ର ଛାତ୍ରୀ, ଯୁବ ଭୋଟରଙ୍କ ସମେତ ସାଧାରଣ ଜନତା ସାମିଲ ହୋଇଥିଲେ।

# ନିର୍ବାଚନକୁ ନେଇ ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର ଜିଲ୍ଲା ସମେତ ଛତିଶଗଡ଼ର ୪ ଟି ଜିଲ୍ଲା ବସ୍ତର, କଣ୍ଡାଗାଁ, ଧନ୍ତରି, ଗୋରିଆ ବନ୍ଧ, ଜିଲ୍ଲା ସୀମାନ୍ତବର୍ତ୍ତୀ ଅଞ୍ଚଳକୁ ନବରଙ୍ଗପୁର ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି ଏସ୍.ପି. ରୋହିତ ବର୍ମା ସୂଚନା ଦେଇଛନ୍ତି। ଏହି ଚାରୋଟି ଜିଲ୍ଲାର ଚେକ୍‌ପୋଷ୍ଟ ସହ ନିର୍ବାଚନ ସୁରକ୍ଷା ବ୍ୟବସ୍ଥା ସମ୍ବନ୍ଧୀୟ ତଥ୍ୟର ଆଦାନପ୍ରଦାନ ଛତିଶଗଡ଼ ପୁଲିସ ସହ କରାଯାଉଥିବା ନେଇ ଏସ୍‌ପି  କହିଛନ୍ତି। ଏ ସମ୍ପର୍କରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ବର୍ମା କହିଛନ୍ତି, ଜିଲ୍ଲାରେ ୫ଟି ଅନ୍ତଃ ରାଜ୍ୟ ସୀମା ଏବଂ ୩ଟି ଅନ୍ତଃ ଜିଲ୍ଲା ଚେକ୍ ପୋଷ୍ଟ ରହିଛି। ଏଥିସହ ନବରଙ୍ଗପୁର ଜିଲ୍ଲାରେ ୬୨ଟି ସମ୍ବେଦନଶୀଳ ବୁଥ୍ ରହିଛି। ସୀମାନ୍ତ ଓ ସମ୍ବେଦନଶୀଳ ବୁଥ ପାଇଁ ସିଆରପିଏଫ, ଏସ.ଓ.ଜି ଯବାନ, ଡିବିଏଫ ଯବାନଙ୍କୁ ମୁତୟନ କରାଯାଇ ଯାଞ୍ଚ କରାଯିବା ସହିତ ଗୋଇନ୍ଦା ତଥ୍ୟ ଆଧାର ରେ ଚଢ଼ାଉ କରାଯାଉଛି। ଜିଲ୍ଲାରେ ନିର୍ବାଚନ ସମୟରେ ଭୟ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ପାଇଁ ତଥା ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲା ପୋଲିସ ସଜାଗ ଓ ସତର୍କ ଅଛି ବୋଲି ଶ୍ରୀ ବର୍ମା କହିଛନ୍ତି।

# ନିର୍ବାଚନ ପାଇଁ ପ୍ରଶିକ୍ଷଣ

ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ କିଭଳି ତଦାରଖ କରିବେ ସେ ସମ୍ପର୍କିତ ଏକ ପ୍ରଶିକ୍ଷଣ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ନିଯୁକ୍ତ ଥିବା ସହକାରୀ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ବିଭିନ୍ନ ସ୍କ୍ୱାଡ୍ ଟିମ୍ ମାନଙ୍କୁ କିଭଳି ପ୍ରାର୍ଥୀ ମାନଙ୍କର ଖର୍ଚ୍ଚ ବିବରଣୀ ତଦାରଖ କରିବେ ସେ ସମ୍ପର୍କରେ  ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ସିଜେଆଇ କନ୍‌ଫରେନ୍ସ

ଦେଶରେ ନୂଆ ଫୌଜଦାରୀ ଆଇନଗୁଡ଼ିକ ପ୍ରଣୟନ ହୋଇଥିବାରୁ ଦେଶ ପରିବର୍ତ୍ତନ ପଥରେ ଆଗେଇ ଚାଲିଛି ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡକ୍ଟର ଚନ୍ଦ୍ରଚୂଡ଼ କହିଛନ୍ତି, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଭଳି ୩ଟି ଫୌଜଦାରୀ ଆଇନ ଲାଗୁ ହେବା ସହ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରରେ ଭାରତ ପ୍ରଗତି ପଥରେ ଅଗ୍ରସର ହେଉଛି । ଏହି ଆଇନ ଗୁଡ଼ିକ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ଭାରତକୁ ନୂଆ ଯୁଗରେ ପହଞ୍ଚାଇବ ବୋଲି ସେ ମତପ୍ରକାଶ କରିଛନ୍ତି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନ୍ୟାୟପାଳିକାକୁ ଫୌଜଦାରୀ ମାମଲା ଗୁଡ଼ିକର ବିଚାରର ସ୍ଥିତାବସ୍ଥା ବିଷୟରେ ଜାଣିବାର ସୁଯୋଗ ପ୍ରଦାନ କରିବ, ନ୍ୟାୟ ପ୍ରଦାନରେ ହେଉଥିବା ତ୍ରୁଟିଗୁଡ଼ିକୁ ଠାବ କରିବାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ହେବା ଉଚିତ ବୋଲି ସେ କହିଛନ୍ତି ।

## ଡଙ୍ଗାବୁଡ଼ି ଘଟଣା

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ମହାନଦୀରେ ଡଙ୍ଗାବୁଡ଼ି ଘଟଣାରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ସମସ୍ତ ୭ଟି ମୃତଦେହକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି । ଅନ୍ୟ ଜଣେ ନିଖୋଜ ମହିଳାଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନାଯୋଗ୍ୟ, ଗତକାଲି ୫୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ବୁଡ଼ି ଯାଇଥିଲା । ଡଙ୍ଗାରେ ଥିବା ଯାତ୍ରୀମାନେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର । ସେମାନେ ବରଗଡ଼ ଜିଲ୍ଲାର ଆମ୍ବଭୋନା ବ୍ଲକରେ ଅବସ୍ଥିତ ଖରସେନିକୁ ବୁଲିବା ପାଇଁ ଆସିଥିଲେ ।

## ଏନ୍‌ଏଚ୍‌ଆର୍‌ସି-ଡଙ୍ଗାବୁଡ଼ି ଘଟଣା

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ମହାନଦୀରେ ଡଙ୍ଗା ବୁଡି ଘଟଣାକୁ ନେଇ ଜାତୀୟ ମାନବାଧିକାର ଆୟୋଗ ମୁଖ୍ୟ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଜଣେ ସାମାଜିକ କର୍ମୀଙ୍କ ଆବଦେନକ୍ରମେ ଡଙ୍ଗା ବୁଡ଼ି ଘଟଣାରେ କ'ଣ ପଦକ୍ଷେପ ନିଆଯାଉଛି ସେ ନେଇ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶା ସରକାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପରିବହନ ମାଧ୍ୟମ ଭାବେ ଡଙ୍ଗା ବ୍ୟବହାର କରୁଥିବା ଲୋକଙ୍କ ଜୀବନ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଦିଆଯାଇଥିବା କ୍ଷତିପୂରଣ ସମ୍ପର୍କରେ ରାଜ୍ୟ ସରକାର ଏକ ରିପୋର୍ଟ ଦାଖଲ କରିଥିଲେ। ବିନା ଫିଟନେସ୍ ଓ ଲାଇସେନ୍ସରେ ଡଙ୍ଗାରେ ଯାତ୍ରୀ ପରିବହନ ପାଇଁ ଅନୁମତି ଦେବା ନେଇ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏପର୍ଯ୍ୟନ୍ତ ଯେଉଁମାନେ ସହାୟତା ପାଇନାହାଁନ୍ତି ସେମାନଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଆବେଦନକାରୀ ଦାବି କରିଛନ୍ତି।

## ଯକୃତ ରୋଗର ସଚେତନତା

ଯକୃତ ରୋଗ ଏବଂ ସୁସ୍ଥ ଜୀବନଶୈଳୀର ମହତ୍ତ୍ୱ ବିଷୟରେ ଏକ ସଚେତନତା ଏବଂ ପାରସ୍ପରିକ ଭାବବିନିମୟ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଏମ୍ସଠାରେ ଗତକାଲି ଆୟୋଜିତ ହୋଇଯାଇଛି। ଏମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗକୁ ଚିକିତ୍ସା ନିମନ୍ତେ ମାସିକ ପ୍ରାୟ ୪ହଜାରରୁ ୫ ହଜାର ରୋଗୀ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୫ଶହ ରୋଗୀ ଯକୃତ ସମ୍ବନ୍ଧୀୟ ନାନା ସମସ୍ୟା ପାଇଁ ପରାମର୍ଶ

ଲୋଡ଼ିଥାଆନ୍ତି । ସଚେତନ ହେଲେ ପ୍ରାୟ ନବେ ପ୍ରତିଶତରୁ ଅଧିକ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ବିଭାଗର ଅତିରିକ୍ତ ପ୍ରଫେସର୍ ଡାକ୍ତର ମାନସ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ସେହିପରି ମଦ୍ୟପାନ ନକରିବା, ପ୍ରକ୍ରିୟାକୃତ ଏବଂ ଜଙ୍କ ଫୁଡ୍ ଠାରୁ ଦୂରେଇ ରହିବା, ଆବଶ୍ୟକୀୟ ସ୍କ୍ରିନିଂ କରିବା, ହେପାଟାଇଟିସ୍ ବି ଟୀକାକରଣ ଏବଂ ନିୟମିତ ବ୍ୟାୟାମ କଲେ ଯକୃତ ରୋଗକୁ ପ୍ରତିରୋଧ କରାଯାଇପାରିବ ବୋଲି ଡାକ୍ତର ପାଣିଗ୍ରାହୀ କହିଛନ୍ତି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ସ୍ଥିତ ଜି.ଏନ୍.ଏମ୍. କଲେଜ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ପାଦିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୌଜଦାରୀ ଆଇନ୍ ବ୍ୟବସ୍ଥା, ଏଫ୍.ଆଇ.ଆର୍. ବେଲ୍, ସମନ୍ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା ସୁରକ୍ଷା ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ବଉଳା କୁମ୍ଭୀର

ବଉଳା କୁମ୍ଭୀରମାନଙ୍କର ପ୍ରଜନନ ପାଇଁ ଆସନ୍ତା ମଇ ମାସ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ଭିତରକନିକା ସହିତ ଯୋଡ଼ି ହୋଇଥିବା ନଦୀ ଓ ନାଳଗୁଡ଼ିକରେ କୁମ୍ଭୀରମାନେ ବସାବାନ୍ଧି ଅଣ୍ଡା ଦେବେ । ଏହି ସମୟରେ ମାଈ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଥା'ନ୍ତି । ପର୍ଯ୍ୟଟକଙ୍କ ସୁରକ୍ଷା ଏବଂ କୁମ୍ଭୀରମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ରଖିବାପାଇଁ

ଭିତରକନିକା ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପ୍ରବଳ ତାତି ଅନୁଭୂତ ହେଉଛି । ଦିନ ସାଢ଼େ ୧୧ଟା ସୁଦ୍ଧା ୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି । ଝାରସୁଗଡ଼ାରେ ସର୍ବାଧିକ ୪୧ ଦଶମିକ ୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇ ଥିବାବେଳେ କେନ୍ଦୁଝରରେ ତାପମାତ୍ରା ୪୦ ଦଶମିକ ୮ ଡିଗ୍ରୀ ରହିଛି । ରାଉରକେଲା ଓ ବାଲେଶ୍ୱରରେ ପାରଦ ୪୦ ଡିଗ୍ରୀ ଛୁଇଁଛି । ସେହିପରି ହୀରାକୁଦରେ ତାପମାତ୍ରା ୩୯ ଦଶମିକ ୨ ଡିଗ୍ରୀ, ଭୁବନେଶ୍ୱର ଓ ସମ୍ବଲପୁରରେ ୩୮ ଦଶମିକ ୮ ଡିଗ୍ରୀ, ଚାନ୍ଦବାଲିରେ ୩୮ ଦଶମିକ ୨ ଡିଗ୍ରୀ, ପୁରୀରେ ୩୪ ଦଶମିକ ୨ ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି ଆକାଶବାଣୀକୁ କହିଛନ୍ତି...

**- V/O –**

## ଓଡ଼ିଶା ଏଫ୍.ସି. ସେମିଫାଇନାଲ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଆଇ.ଏସ୍.ଆଇ. ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଏଫ୍.ସି. ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମ ନକ୍‌ଆଉଟ୍ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସକୁ ୨-୧ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲକୁ

ଉନ୍ନୀତ ହୋଇଛି । ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ୧-୧ ଗୋଲ୍ ଶେଷ ହେବାପରେ ଅତିରିକ୍ତ ସମୟରେ ଓଡ଼ିଶା ଏଫ୍.ସି. ଏକ ଗୋଲ୍ ଦେଇ ବିଜୟ ଲାଭ କରିଥିଲା । ଆସନ୍ତା ୨୩ ତାରିଖରେ ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଏଫ୍.ସି. ମୋହନ ବାଗାନ ସୁପରଜାଏଣ୍ଟ୍ସକୁ ଭେଟିବ ।